# Akashvani, Sambalpur

## SAMBALPURI NEWS EVENING BULLETIN

## 25 June 2024- 7.02 pm- 7.12 pm.

*******************************************

୧- ଲୋକ୍‌ସଭା ବାଚସ୍ପତି ପଦ ଲାଗି ଏନ୍‌ଡିଏ ପ୍ରାର୍ଥୀ ଭାବେ ନାମାଙ୍କନ୍ ପତ୍ର ଦାଖଲ୍ କଲେ ଆଘର୍ ବାଚସ୍ପତି ଓମ୍ ବିର୍ଲା ।

- ଇଣ୍ଡିଆ ମେଂଟ ତର୍‌ଫୁ କେ. ସୁରେଶ୍‌ଙ୍କୁ କରାଯାଇଛେ ପ୍ରାର୍ଥୀ ।

୨- ରାଏଜେ ଲୋକାଭିମୁଖୀ ବଜେଟ୍ ତିଆର୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦେଲେ ପରାମର୍ଶ ।

୩- ପଂଚାୟତ୍‌ରାଜ୍ ମନ୍ତ୍ରୀ ରବି ନାଏକ୍ ଆଏଜ୍ ସମ୍ବଲପୁର୍ ନ ଭିନ୍ ଭିନ୍ ବିଭାଗ୍‌ର କାମ୍ ବାବ୍‌ଦେ କଲେ ସମୀକ୍ଷା ।

୪- ବୌଦ୍ଧ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଚାଲିଥିବା ୨ ଦିନିଆ ବେଡ୍‌ମିଂଟନ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଯାପିତ ।

ଆଉର୍

୫- ରାଏଜେ ଗଲାକାଏଲ୍‌ତକ୍ ସ୍ୱାଭାବିକ୍‌ନୁ ୪୧ ପ୍ରତିଶତ୍ କମ୍ ବର୍ଷା ହେଇଥିବାର୍ ସୂଚ୍‌ନା ଦେଲା ପାଣିପାଗ୍ ବିଭାଗ୍ ।

ବାଚସ୍ପତି ନିର୍ବାଚନ୍        ଆର୍ଏନ୍ୟୁ/ କଟକ୍

ଲୋକସଭା ବାଚସ୍ପତି ପଦ ଲାଗି ଏନ୍ଡିଏ ପ୍ରାର୍ଥୀ ଭାବେ ଆଘର୍ ବାଚସ୍ପତି ଓମ୍ ବିର୍ଲା ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେଆଡ଼େ ଇଣ୍ଡିଆ ମେଂଟର ପ୍ରାର୍ଥୀଭାବେ ବାଚସ୍ପତି ପଦ ଲାଗି କେ. ସୁରେଶ ଭିଲ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଆଏବା କାଏଲ୍ ୧୮ ନମ୍ବର୍ ଲୋକସଭାର୍ ବାଚସ୍ପତି ନିର୍ବାଚନ୍ ହେବା । ସୂଚ୍ନା ଅନ୍ସାରେ ଗଲାକାଏଲ୍ ୧୮ ନମ୍ବର୍ ଲୋକ୍ସଭାର୍ ପହେଲା ଅଧିବେଶନ୍ଥି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ କେତେଟା ସାଂସଦ୍ଙ୍କୁ କାମଚଲା ବାଚସ୍ପତି ଭର୍ତୃହରି ମହତାବ୍ ଶପଥ୍ ପାଠ୍ କରେଇଥିଲେ । ୨ ନମ୍ବର୍ ଦିନ ଆଏଜ୍ ବାକିଥିବା ସାଂସଦ୍ମାନ୍କୁ ଶପଥ୍ ପାଠ୍ କରେଇଛନ୍ । ଆଏବା ୨୭ ତାରିଖ୍ ଗୁରୁବାର୍ ଦିନ ରାଜ୍ୟସଭା ଅଧିବେଶନ୍ ମୁଲ୍ ହେବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଦିନ ସଂସଦ୍ର ମିଲିତ୍ ଅଧିବେଶନ୍କେ ସମ୍ବୋଧନ୍ କର୍ବେ । ଇ ଅଧିବେଶନ୍ ଆଏବା ମାସର୍ ୩ ତାରିଖ୍ତକ୍ ଚାଲ୍ବା ।

ମୁଖ୍ୟମନ୍ତ୍ରୀ- ଯୋଜନା, ସଂଯୋଜନ ବିଭାଗ୍        ସିଏମ୍ଓ

ରାଏଜେ ଗୁଟେ ଲୋକାଭିମୁଖୀ ବଜେଟ୍ ତିଆର୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରାମର୍ଶ ଦେଇଛନ୍ । ଆଏଜ୍ ଭୁବ୍ନେଶ୍ୱର୍ ନ ଯୋଜନା ଆଉ ସଂଯୋଜନ ବିଭାଗ୍ର କାମ୍ ବାବ୍ଦେ ସମୀକ୍ଷା କରିକରି ଶ୍ରୀ ମାଝୀ ବଜେଟ୍ଥି ଲୁକ୍କର୍ ଆଶା ଆକାଂକ୍ଷା ପ୍ରତିଫଳିତ ହେବାର୍ ଦର୍କାର୍ ବଲି କହିଛନ୍ । ଯୋଜନାମାନ୍ ଯେନ୍ତା ତୃଣମୂଳସ୍ତର୍ଥି ଠିକ୍ କରି ପୁହୁଁଚିବା ଆର୍ ଲୋକ୍ ସେତାର୍ ସୁଫଲ୍ ପାଇପାର୍ବେ ତାର୍ ଉପ୍ରେ ଜୋର୍ ଦେବାର୍କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଖଣିଜ ପାଣ୍ଠିର ସୁବିନିଯୋଗ୍ ଉପ୍ରେ ଜୋର୍ ଦେଇକରି ଇ ପାଣ୍ଠିନୁ ଖଣି ଅଂଚଲ୍ର ଜିଲ୍ଲାମାନ୍କେ ଟ୍ରମା କେୟାର୍ ସେଂଟର୍ ପ୍ରତିଷ୍ଠା ଲାଗି ନିର୍ଦ୍ଦେଶ୍ ଦେଇଥିଲେ । ଦଲର୍ ସଂକଳ୍ପ ଅନ୍ସାରେ ଉତର୍ ଓଡ଼ିଶା ଉନ୍ନୟନ୍ ପରିଷଦ୍ ଆର୍ ଦକ୍ଷିଣ ଓଡ଼ିଶା ଉନ୍ନୟନ୍ ପରିଷଦ୍ ଗଠନ୍ ଲାଗି ଟାସ୍କଫୋର୍ସ ତିଆର୍ କରିକରି ପ୍ରସ୍ତାବ୍ ଦେବାର୍କେ ଯୋଜନା ଆଉ ସଂଯୋଜନ ବିଭାଗ୍କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଥିଲେ ।

## ପୌର ଅଧିକାରୀମାନ୍କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍

ଆର୍ଏନ୍ୟୁ/ ସମ୍ବଲପୁର

ସହର୍ ଇଲାକାର୍ ଲୋକ୍ମାନ୍କୁ ଉନ୍ନତମାନର ସେବା ଯୁଗେଇ ଦେବାର୍ ଲାଗି ଅଧିକାରୀମାନେ ଟିମ୍ ୱାର୍କ କର୍ବାର୍କେ

ରାଜ୍ୟ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍‌ର ଲୋକସେବା ଭବନ୍‌ର କନ୍‌ଭେନ୍‌ସନ୍ ହଲ୍‌ଥି ସହର୍ ଇଲାକାର୍ ପ୍ରଶାସନ୍‌ର ପ୍ରାଥମିକତା ବାବ୍‌ଦେ ପୌର ଅଧିକାରୀମାନ୍‌କର୍ ଦିନ୍‌କିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ମହାପାତ୍ର ପୌର ସଂସ୍ଥା ମାନ୍‌କେ ବ୍ୟାପକ୍ ପରିମାଣ୍‌ଥି ଗଛ୍ ଲଗାବାର୍ ସହେତେ ରାସ୍ତାଘାଟ୍ ସଫାସୁତ୍‌ରା ରଖ୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ସେନ୍ତା ସହର୍ ଇଲାକା ନ ଖାସ୍ କରି ହାସ୍‌ପାତାଲ୍‌ନୁ ବାହାରୁଥିବା ବର୍ଜ୍ୟବସ୍ତୁ ପାନିର୍ ଉସ୍ତକେ ଦୂଷିତ କରୁଥିବାର୍‌ନୁ ଇ ବାବ୍‌ଦେ ପଦକ୍ଷେପ୍ ନେବାର୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ବିଭାଗୀୟ ଅଧିକାରୀମାନେ ଅଫିସ୍‌ଥି ନାଇଁ ବସିକରି କ୍ଷେତ୍ର ଗସ୍ତ୍‌ଥି ଯିବାର୍‌କେ ଆଉ ଅତି କମ୍‌ରେ ୩ / ୪ ଘଂଟା ଓ୍ୱାର୍ଡ଼ ପରିଦର୍ଶନ୍ କର୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ମହାପାତ୍ର ନିର୍ଦ୍ଦେଶ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ବିଭାଗ୍ ଦାୟିତ୍ୱଥି ଥିବା ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଜି. ମାଥିଭାତନନ୍, ବିଏମ୍‌ସି କମିଶନର୍ ରାଜେଶ ପ୍ରଭାକର୍ ପାଟିଲ୍, ପୌର ନିର୍ଦ୍ଦେଶକ ସଂଗ୍ରାମ୍‌ଜୀ ନାଏକ୍ ପ୍ରମୁଖଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ସେମାନେ ଦାୟିତ୍ୱଥି ଥିବା କାର୍ଯ୍ୟକ୍ରମ୍‌ମାନ୍‌କର୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ ।

ପଂଚାୟତ୍‌ରାଜ୍ ମନ୍ତ୍ରୀ -ସମ୍ବଲପୁର		ସମ୍ବଲପୁର୍ ସମ୍ବାଦଦାତା

ପଂଚାୟତ୍‌ରାଜ୍ ମନ୍ତ୍ରୀ ରବି ନାଏକ୍ ସମ୍ବଲ୍‌ପୁର୍ ଠାନେ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଖାସ୍ କରି ସ୍ୱାସ୍ଥ୍ୟ, ଶିକ୍ଷା, ଚାଷ୍ ବିଷେ ସମୀକ୍ଷା କରାଯାଇଥିଲା । ଜିଲ୍ଲାର୍ ଭିନ୍ ଭିନ୍ ଥାନା ଇଲାକା ନ ବଢୁଥିବା ଅପରାଧକେ ଆଏତ୍ କର୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ନାଏକ୍ ଆଇ.ଜି.ଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ । ପାଏନ୍ ପାଇପ୍ ବଦ୍‌ଲାବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଶହେ କୋଟି ଟଙ୍କା ଦିଆଯାଇଥିଲେ ଭିଲ୍ କାଏଁଥିର୍‌ଲାଗି ଏବ୍‌ତକ୍ ପାଇପ୍ ନାଇଁ ବଦ୍‌ଲାଯାଇ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ସେନ୍ତା ଜଙ୍ଗଲ୍ ବିଭାଗ୍, ଅବକାରୀ ବିଭାଗ୍, ଜାତୀୟ ରାଜପଥ, ମହାନଗର୍ ନିଗମ୍, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ୍‌ର ଅଧିକାରୀମାନ୍‌କୁ ଠିକ୍ ଭାବେ ଦାୟିତ୍ୱ ତୁଲାବାର୍ ଲାଗି ମନ୍ତ୍ରୀ ଶ୍ରୀ ନାଏକ୍ ପରାମର୍ଶ ଦେଇଥିଲେ । ଇତାର୍‌ଛଡ଼ା ମନ୍ତ୍ରୀ ସବୁ ବିଭାଗ୍‌ର ଅଧିକାରୀମାନ୍‌କୁ ଶହେ ଦିନ୍ କାମର୍ ରିପୋର୍ଟ କାର୍ଡ଼ ମାଗିଛନ୍ । ସମୀକ୍ଷା ବୈଠକ୍‌ଥି ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପରିଷଦ୍ ସଭାପତି ପ୍ରମୁଖଙ୍କର୍ ସହେତେ ଆଇ.ଜି., ଜିଲ୍ଲାପାଲ୍, ଏସ୍.ପି. ଉପସ୍ଥିତ୍ ଥିଲେ ।

ସମ୍ବଲ୍‌ପୁର୍ ଜଣ୍ଡିସ୍- ବିଧାୟକ୍ ସମୀକ୍ଷା    ସମ୍ବଲ୍‌ପୁର୍ ସମ୍ବାଦଦାତା

ବିଧାୟକ୍ ଜୟନାରାୟଣ୍ ମିଶ୍ର ସମ୍ବଲ୍‌ପୁର୍ ସହରେ ବଢୁଥିବା ଜଣ୍ଡିସ୍ ବାବ୍‌ଦେ ସଦର୍ ହାସ୍‌ପାତାଲ୍ ନ ଆଏଜ୍ ସମୀକ୍ଷା କରିଛନ୍ । ସମ୍ବଲ୍‌ପୁରେ ଜଣ୍ଡିସ୍ କାଏଁଥିର୍‌ଲାଗି ଚାପୁଛେ ସେ ବାବ୍‌ଦେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ସୂଚନା ଦେଇଥିଲେ । ଜନସ୍ୱାସ୍ଥ୍ୟ ବିଭାଗ୍ ଆର୍ ମହାନଗର୍ ନିଗମ୍‌ର କାମ୍‌କେ ନେଇକରି ବିଧାୟକ୍ ଶ୍ରୀ ମିଶ୍ର ଅସନ୍ତୋଷ୍ ପ୍ରକାଶ୍ କରିଥିଲେ । ଯୁଦ୍ଧକାଳୀନ ଭିତିଥି ପାଣି ପାଇପ୍ ବଦ୍‌ଲାବାର୍ ଲାଗି ଶ୍ରୀ ମିଶ୍ର ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେବାର୍ ସହେତେ ଜଣ୍ଡିସ୍ ଆଉ ଯେନ୍ତା ନାଇଁ ବଢ଼୍‌ବା ସେଥିର୍‌ଲାଗି ସିଡ଼ିଏମ୍‌ଓଙ୍କୁ ତଦାରଖ୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଏଛେନ୍ ସମ୍ବଲ୍‌ପୁର୍ ସହରେ ଜଣ୍ଡିସ୍ ଆକ୍ରାନ୍ତଙ୍କର୍ ସଂଖ୍ୟା ୯୩ କେ ପୁହୁଁଚିଛେ । ହେଲେ କୁମ୍ଭାର୍‌ପଡ଼ା ଇଲାକା ନ ଥିତି ଠିକ୍ ଅଛେ ବଲି ସିଡ଼ିଏମ୍‌ଓ କହିଛନ୍ ।

ରାଜ୍ୟପାଲ୍- ବର୍‌ଗଡ଼୍ ଗସ୍ତ          ବର୍‌ଗଡ଼୍ ସମ୍ବାଦଦାତା

ରାଜ୍ୟପାଲ୍ ରଘୁବର୍ ଦାସ ଆଏଜ୍ ବର୍‌ଗଡ଼୍ ଜିଲ୍ଲା ଗସ୍ତ୍‌ଥି ଆସିକରି ପାଇକ୍‌ମାଲ୍‌ର କସ୍ତୁରବା ଗାନ୍ଧୀ ମାତୃନିକେତନ୍ ନ ଅନ୍ତେବାସୀ ଆଉ କର୍ମଚାରୀମାନ୍‌କୁ ଭେଟିକରି ସେମାନେ

ସାମ୍ନା କରୁଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ପଚ୍‌ରେଇ ବୁଝିଥିଲେ । ଇ ଅବ୍‌ସରେ ରାଜ୍ୟପାଲ୍ ଗୁଟେ ପାର୍କର ଭୂମିପୂଜା କରିଥିଲେ । ଆଏବା ମାସ ୧୪ ତାରିଖ୍ ଦିନ ଭୁବ୍‌ନେଶ୍ୱର୍‌ର ରାଜଭବନ୍ ନ ତିଆରି ହେଇଥିବା ଜଗନ୍ନାଥ ମନ୍ଦିର୍‌ର ପ୍ରତିଷ୍ଠା ଉତ୍ସବ୍‌ଥି ଯୋଗ୍ ଦେବାର୍ ଲାଗି ଅନ୍ତେବାସୀମାନ୍‌କୁ ନିମନ୍ତ୍ରଣ୍ କରିଥିଲେ ।

ଏକ ପେଡ୍ ମା କେ ନାମ-ଉପମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ/ସମ୍ବଲପୁର

ମା'କେ ସମ୍ମାନ୍ ଦେବା ଆଉ ଓଡ଼ିଶାକେ ଗୁଟେ ସବୁଜ ରାଜ୍ୟଥି ପରିଣତ୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ନ 'ଏକ ପେଡ୍ ମା କେ ନାମ୍' ଅଭିଯାନ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିକରି ଶ୍ରୀମତୀ ପରିଡ଼ା କହିଛନ୍ ଯେ, ଇ ଅଭିଯାନ୍‌କେ ସାରା ରାଏଜେ ପୁହଁଚାବାର୍ ଦର୍‌କାର୍ ରହିଛେ । ପର୍ଯ୍ୟଟନ ଅଧିକାରୀମାନେ ସାରା ରାଏଜେ ଇତାର୍ ଅଏତ୍‌କା ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ୍ ଦେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଭୁବ୍‌ନେଶ୍ୱର୍ ପର୍ଯ୍ୟଟନ୍ ଭବନ୍ ପରିସର୍‌ଥି ଗୁଟେ ବଉଲ୍ ଗଛ୍ ଜଗେଇଥିଲେ ।

ମନ୍ କି ବାତ୍          ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍ଥି ପ୍ରଧାନ୍ମନ୍ତ୍ରୀ ଲୁକ୍କର୍ ଠାନୁ ଆଏବା ୨୮ ତାରିଖ୍ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଶୁନାଯାଇପାର୍ବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଝାର୍ସୁଗୁଡ଼ା ବିମାନ୍ ବନ୍ଦର୍- ଏଲାଏନ୍ସ ଏୟାର

ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ନୁ ଭୁବ୍‌ନେଶ୍ୱର୍, କୋଲ୍‌କାତା ଆର୍ ରାଉର୍‌କେଲା  ସେକ୍ଟର୍ ନ ଚଲାଚଲ୍ କରୁଥିବା ଏଲାଏନ୍ସ ଏୟାର୍ ବିମାନ୍‌ର ଚଲାଚଲ୍ କର୍‌ବାର୍ ଲାଇସେନ୍ସ ଅବଧି ୬ ମାସ୍ ବଢ଼ାଯାଇଛେ । ଇତାର୍‌ସମିଆ ଆଏବା କାଏଲ୍ ଶେଷ୍ ହେଉଥିଲା । ହେଲେ ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କର୍ ହସ୍ତକ୍ଷେପ୍ ଲାଗି ଇ ସମିଆ ବଢ଼ାଯାଇଛେ ।

ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର୍ ଆର୍ ଅବୈଧ ଚାଲାଣ୍ ବିରୋଧ ଦିବସ୍

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର୍ ଆର୍ ଅବୈଧ ଚାଲାଣ୍ ବିରୋଧ ଦିବସ୍ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନ୍ ଆର୍ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ବଳିଆର୍ ସିଂ ଯୋଗ୍ ଦେଇକରି ଯୁବ ସମାଜ୍ ନିଶା ବେଭାର୍ କରିକରି ପଥଭ୍ରଷ୍ଟ ହେଉଛନ୍ ବଲି

କହିଥିଲେ । ଇତାର୍‌ଛଡ଼ା ଭିନ୍ ଭିନ୍ ପ୍ରତିଯୋଗିତାମାନ୍ କରାଯାଇଥିଲା ।

ବର୍‌ଗଡ୍- ଦୁର୍ଘଟଣା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ପଦମ୍‌ପୁର୍ ପାଇକ୍‌ମାଲ୍ ରାସ୍ତା ଭଗତ୍‌ପୁର୍ ପାଖେ ଆଏଜ୍ ଗୁଟେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ଝନେ ଗୁରୁତର୍ ଆହତ୍ ହେଇଛନ୍ । ଆହତ୍ ଝନ୍‌କୁ ବୁର୍ଲା ଡାକ୍ତର୍‌ଖାନାକେ ଅନାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ମଏଧାନେ ପାଇକ୍‌ମାଲ୍‌ନୁ ପଦମ୍‌ପୁର୍ ଆଡ଼େ ଯାଉଥିବାର୍ ବେଲେ ଭାରସାମ୍ୟ ହରେଇକରି କାର୍‌ଟା ଦୁର୍ଘଟଣାଗ୍ରସ୍ତ ହେଇଥିଲା ।

ଜିଲ୍ଲାସ୍ତରୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଯାପିତ୍

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବେଡ଼ମିଂଟନ୍ ଆସୋସିଏସନ୍ ତର୍‌ଫୁ ବୌଦ୍ଧ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୨ ଦିନିଆ ଜିଲ୍ଲାସ୍ତରୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଯାପିତ୍ ହେଇଯାଇଛେ । ଆସୋସିଏସନ୍‌ର ସଭାପତି ଜୁଲିଅସ୍ ସିଜର୍ ମହାକୁଡ଼ଙ୍କର୍

ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ତହଁକାବାର୍ ସହେତେ ପୁରସ୍କାର୍ ଦେଇଥିଲେ । ଟୁର୍ଣ୍ଣାମେଂଟ୍‌ଥି ୫୦ ଝନ୍ ଖେଲାଲି ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେଇଛେ । ହେତାର୍ ପ୍ରଭାବ୍‌ଥି ଆଏବା କାଏଲ୍‌ନୁ ବର୍ଷା ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ୨୪ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଢ଼େ ଗଲାକାଏଲ୍‌ତକ୍ ରାଜ୍ୟ ନ ସ୍ୱାଭାବିକ୍‌ଠାନୁ ୪୧ ପ୍ରତିଶତ୍ କମ୍ ବର୍ଷା ହେଇଥିବାର୍ ଜନାପଡ଼ିଛେ । ୫ ଟା ଜିଲ୍ଲାକେ ଛାଡ଼ିଦେଲେ ବାକି ସବୁ ଜିଲ୍ଲାଥି କମ୍ ବର୍ଷା ହେଇଛେ ।